## ସଂକ୍ଷେପରେ

ବ୍ରହ୍ମପୁରରେ ସକ୍ରିୟ ଆଇଟିଏମ୍ଏସ୍

### ପ୍ରଥମ ଦିନରେ ୧୩ ଚାଳକଙ୍କୁ ଧରିଲା

**ବ୍ରହ୍ମପୁର ଅଫିସ୍,୨୯।୮:** ଟ୍ରାଫିକ୍ ନିୟମ ଖିଲାପକାରୀ ବାଇକ୍ ଚାଳକଙ୍କୁ ଧରିବା ପାଇଁ ବ୍ରହ୍ମପୁର ସହରାଞ୍ଚଳରେ ବୁଧବାର ଇଣ୍ଟିଗ୍ରେଟେଡ୍ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ୍(ଆଇଟିଏମ୍ଏସ୍) ଉଦ୍‌ଘାଟିତ ହୋଇଥିଲା । ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ । ଗୁରୁବାର ପ୍ରଥମ ଦିନରେ ୧୩ଜଣ ବାଇକ୍ ଚାଳକଙ୍କୁ ଧରିଛି ଆଇଟିଏମ୍ଏସ୍ । ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବିଶ୍ୱାଳଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, କୋର୍ଟପେଟା ଛକରେ ଲାଗିଥିବା କ୍ୟାମେରାରେ ଏହି ୧୩ଜଣ ବାଇକ୍ ଚାଳକଙ୍କ ଫଟୋ ଉତ୍ତୋଳନ ହୋଇଛି। ସେମାନେ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଜଣାପଡିଛି। ଗାଡ଼ି ନମ୍ବର ଓ ଚାଳକଙ୍କ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପରେ ଜରିମାନା ନେଇ ଚାଳକଙ୍କ ମୋବାଇଲ୍ ଫୋନକୁ ମେସେଜ୍ ପଠାଯାଇଛି । ଚାଳକମାନେ ଆବଶ୍ୟକ କାଗଜପତ୍ର ଦାଖଲ କଲେ ଜରିମାନା କମିବାର ସମ୍ଭାବନା ରହିଛି ବୋଲି ସେ ପ୍ରକାଶ କରିଛନ୍ତି ।

### ଚକ୍ଷୁଦାନ ପକ୍ଷ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୨୯।୮:** ବ୍ରହ୍ମପୁର ଏମ୍‌କେସିଜି କଲେଜ ଚକ୍ଷୁ ବିଭାଗ ସହଯୋଗରେ ବ୍ରିଟ କଲୋନୀ ନୀଳକଣ୍ଠନଗର ଆଦର୍ଶ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚକ୍ଷୁଦାନ ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପ୍ରଭାତ କୁମାର ମିଶ୍ର ଏଥିରେ ଅଧକ୍ଷତା କରିଥିଲେ । ଏଥିରେ ଏମ୍‌କେସିଜି ଚକ୍ଷୁ ବିଭାଗ ସହକାରୀ ପ୍ରଫେସର ଡା. ରାଜେନ୍ଦ୍ର କୁମାର ବେହେରା ବକ୍ତା ଭାବେ ଯୋଗଦେଇ ପକ୍ଷ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରତ୍ୟେକେ ମୃତ୍ୟୁପରେ ଚକ୍ଷୁଦାନ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପ ପ୍ରଧାନାଚାର୍ଯ୍ୟ ପ୍ରମିଳା ଷଡଙ୍ଗୀ, ନରସିଂହ ପଣ୍ଡିତ ଓ ସମାଜିକକର୍ମୀ ମଧୁସୂଦନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଗିରଫ

**ଗଞ୍ଜାମ,୨୯।୮(ଡି.ଏନ.ଏ.):** ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ଗୁରୁବାର ରମ୍ଭା ଥାନାରେ ଅଭିଯୋଗ ହୋଇଛି । ଏତଲାକୁ ଭିତ୍ତିକରି ନଂ. ୧୭୨/୧୯ରେ ମାମଲା ରୁଜୁ ହେବା ସହ ସ୍ଥାନୀୟ ଅଞ୍ଚଳର ଜଣେ ଏମ୍.ଲିଙ୍ଗରାଜ ପାତ୍ରଙ୍କୁ ଗିରଫ କରାଯାଇଥିବା ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ନାବାଳିକା ଜଣକ ଘରେ ଏକା ଥିବା ଜାଣି ଲିଙ୍ଗରାଜ ଜବରଦସ୍ତ ତାଙ୍କୁ ବଳାତ୍କାର କରିଥିବା ଏତଲାରେ ଉଲ୍ଲେଖ ରହିଛି। ନାବାଳିକା ଘଟଣା ବିଷୟରେ ପରିବାର ଲୋକଙ୍କୁ କହିବା ପରେ ରମ୍ଭା ଥାନାରେ ଏତଲା ଦିଆଯାଇଥିଲା। ଅନ୍ୟପଟେ ଅଧିକ ତଥ୍ୟ ଜାଣିବା ପାଇଁ ରମ୍ଭା ଥାନାଧିକାରୀ କୃଷ୍ଣଚନ୍ଦ୍ର ସେଠୀଙ୍କ ମୋବାଇଲ ଫୋନ ନମ୍ବର ୯୪୩୭୧୭୯୫୦ରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ରିସିଭ କରି ନ ଥିଲେ ।

## ପ୍ରସ୍ତାବରେ ଅଟକିଛି ଗ୍ରେଟର (ବୃହତ୍) ବ୍ରହ୍ମପୁର ଗଠନ

# ୨୦୧୫ରୁ ପ୍ରସ୍ତୁତ ହୋଇଛି (ସିଡିପି) ମାଷ୍ଟର ପ୍ଲାନ

**ବ୍ରହ୍ମପୁର ଅଫିସ,୨୯।୮**

ବ୍ରହ୍ମପୁର ମହାନଗର ନିଗମ ଏବଂ ଛତ୍ରପୁର ଓ ଗୋପାଳପୁର ଏନ୍ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ସହିତ ଏହି ୩ ସହରାଞ୍ଚଳ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳଗୁଡ଼ିକୁ ମିଶ୍ରଣ କରି ଗ୍ରେଟର (ବୃହତ୍) ବ୍ରହ୍ମପୁର ଗଠନ ପ୍ରସ୍ତାବରେ ଅଟକି ଯାଇଛି। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏଥିପାଇଁ ୧.୦୮ କୋଟି ଟଙ୍କା ବ୍ୟୟରେ ପ୍ରସ୍ତୁତ କରାଯାଇଥିବା ସିଡିପି (କମ୍ପ୍ରେହେନସିଭ ଡେଭଲପମେଣ୍ଟ ପ୍ଲାନ) ବା ମାଷ୍ଟର ପ୍ଲାନ ୨୦୧୫ରୁ ଲୋକାର୍ପିତ ହୋଇଛି । ଏହାର ୪ ବର୍ଷ ପୂରିବା ପରେ ବି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଅନିଶ୍ଚିତତା ଦେଖାଯାଇଛି ।

ସୂଚନାଯୋଗ୍ୟ, ୧୯୭୬ରେ ବ୍ରହ୍ମପୁର ଆଞ୍ଚଳିକ ଉନ୍ନୟନ ସଂସ୍ଥା (ବ୍ରିଟ) ଗଠନ କରାଯାଇଥିଲା। ଛତ୍ରପୁର ଓ ଗୋପାଳପୁର ଏନ୍ଏସି ମଧ ଏଥିରେ ଅନ୍ତର୍ଭୁକ୍ତ ଥିଲା। ଏହାର ୧୬ ବର୍ଷ ପରେ ବ୍ରିଟ ଭଙ୍ଗାଯାଇ ୧୯୯୩ରେ ବିଡିଏ ଗଠନ କଲେ ସରକାର । ଏହି ୩ ସହରାଞ୍ଚଳରେ କେତେକ ବିକାଶମୂଳକ କାର୍ଯ୍ୟ ବିଡିଏ ପକ୍ଷରୁ କରାଯାଉଛି। ପୁରାତନ ସହର ବ୍ରହ୍ମପୁରର ମାଷ୍ଟର ପ୍ଲାନ ହୋଇ ନ ଥିବାରୁ ଏହା ପ୍ରସ୍ତୁତି ପାଇଁ ବିଡିଏ ପକ୍ଷରୁ ଉଦ୍ୟମ କରାଗଲା । କେନ୍ଦ୍ର ସହରାଞ୍ଚଳ ମନ୍ତ୍ରଣାଳୟ ଅଧୀନ ଦିଲ୍ଲୀର ଟିସିପିଓକୁ ଦାୟିତ୍ୱ ଦିଆଯାଇଥିଲା। ସେହି ସଂସ୍ଥା ଦ୍ୱାରା ପ୍ରସ୍ତୁତ ସିଡିପି ବା ପୂର୍ଣ୍ଣାଙ୍ଗ ମାଷ୍ଟର ପ୍ଲାନ ବହୁବାର ଏଠାରେ ପ୍ରଦର୍ଶନ କରାଯାଇ ତ୍ରୁଟିଗୁଡ଼ିକୁ ସଂଶୋଧନ କରାଯିବା ପରେ ତାହା ପୂର୍ଣ୍ଣାଙ୍ଗ ହୋଇଥିଲା ।

ରାଜ୍ୟ ନଗର ଉନ୍ନୟନ ବିଭାଗ ଅନୁମୋଦନ କରିବା ପରେ ବିଡିଏ ବୈଠକରେ ଉପସ୍ଥାପନ ହୋଇଥିଲା। ୨୦୧୫ରେ ବିଡିଏ ମଧ ଅନୁମୋଦନ କରିଛି। ତେବେ ସିଡିପି ଅନୁସାରେ ଉପରୋକ୍ତ ସହରାଞ୍ଚଳଗୁଡ଼ିକ ପାର୍ଶ୍ୱରେ ଥିବା ୧୩୯ ମୌଜାର ଗ୍ରାମଗୁଡ଼ିକୁ ନେଇ ଗ୍ରେଟର ବ୍ରହ୍ମପୁର ଗଠନ ଏଯାବତ୍ ହୋଇ ନ ଥିବା ରହସ୍ୟ ଘେରକୁ ଆସିଛି। ଅପରପକ୍ଷରେ ବ୍ରହ୍ମପୁର ପୂର୍ବ ପୌର ପରିଷଦ ୨୦୧୮ ଡିସେମ୍ବର ଶେଷରୁ ମହାନଗର ନିଗମରେ ପରିଣତ ହୋଇଛି। ସରକାରୀ ବିଜ୍ଞପ୍ତି ଅନୁସାରେ ମହାନଗର ନିଗମ ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ପଞ୍ଚାୟତର ୨୪ରୁ ଊର୍ଦ୍ଧ୍ୱ ଗ୍ରାମ ନିଗମ ଗଠନର ୧୦ ବର୍ଷ ବିତିବା ପରେ ମଧ ବିଏମ୍‌ସିରେ ମିଶ୍ରଣ ହୋଇନାହିଁ। ମହାନଗର ପାର୍ଶ୍ୱରେ ଥିବା ତଳ ଅଞ୍ଚଳଗୁଡ଼ିକ ନିଗମରେ ମିଶ୍ରଣ ଦାବି ନେଇ ଆନ୍ଦୋଳନ ଚାଲିଛି। ତଥାପି କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅସନ୍ତୋଷ ବଢ଼ି ଚାଲିଛି । ମହାନଗରର ଅନେକ ଲୋକ ପାର୍ଶ୍ୱରେ ଥିବା ବ୍ରଜନଗର ସମେତ ବିଭିନ୍ନ ପଞ୍ଚାୟତ ଅଧିନ ଅଞ୍ଚଳରେ ବସବାସ କରୁଛନ୍ତି। ସେମାନେ ବିଏମ୍‌ସିର ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି ।

ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ଯୋଗାଯୋଗ ବେଳେ ଦୀର୍ଘବର୍ଷରୁ ପ୍ରସ୍ତାବିତ ବୃହତ୍ତର (ଗ୍ରେଟର) ବ୍ରହ୍ମପୁର ଗଠନ ଲାଗି ପ୍ରୟାସ ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି। ଏଥିପାଇଁ ପଞ୍ଚାୟତିରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ଏବଂ ଦୁଇ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସହିତ ଆଲୋଚନା କରି କାର୍ଯ୍ୟକାରୀ କରାଯିବାର ସେ ସ୍ପଷ୍ଟ କରିଛନ୍ତି।


କ୍ରୀଡ଼ା ଦିବସ ଅବସରରେ ପ୍ରଶିକ୍ଷକଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ ।

## କ୍ରୀଡ଼ା ଦିବସରେ ମନେପଡ଼ିଲେ ଧ୍ୟାନଚାନ୍ଦ



ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

**ବ୍ରହ୍ମପୁର ଅଫିସ୍,୨୯।୮**

ଶହୀଦ ଲକ୍ଷ୍ମଣ ନାୟକ ପୌର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ସକାଳେ ହକି ଯାଦୁକର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଅବସରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକ ସବୁଜ ପତାକା ଦେଖାଇ ଏହାକୁ ଆରମ୍ଭ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ତାରା ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଏହା ପରେ ବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କ ନୀତି, ଆଦର୍ଶ ଏବଂ ଦେଶ ପାଇଁ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କେ.ସୁଜାତା କୁମାରୀ ସୁବୁଦ୍ଧି ଏଥିରେ ଅଧକ୍ଷତା କରିଥିବା ବେଳେ କ୍ରୀଡ଼ା ପ୍ରଶିକ୍ଷକ କେଦାରନାଥ ଚୌଧୁରୀ ଏହାକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ରାଧାନାଥ ପାଢୀ, ସୂର୍ଯ୍ୟନାରାୟଣ ଶତପଥୀ, ଅନୀତା ପ୍ରଧାନ, ମାଳବିକା ପାଢୀ, ସବିତା ଚୌଧୁରୀ, ଇନ୍ଦ୍ରମଣି ଦେବୀ, ମମତା ପାତ୍ର, ସୁଧାରାଣୀ ଅଧିକାରୀ, ଅନୀତା ବେହେରା, ରୀତାରାଣୀ ଦାସ, ଏମ୍.ସୀମାଞ୍ଚଳ, ଦିଲୀପ କୁମାର ଦାସ, ଲାବଣ୍ୟ ସାବତ ଏବଂ ଝୁନୁ ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଦିବ୍ୟଜୀବନ ସଂଘର ଆରାଧନା ଦିବସ

**ବ୍ରହ୍ମପୁର ଅଫିସ,୨୯।୮**

ବ୍ରହ୍ମପୁର ଲାଞ୍ଜିପଲୀ ମ୍ୟୁନିସିପାଲ କଲୋନୀ ଦିବ୍ୟଜୀବନ ସଂଘ ମହିଳା ଶାଖା ପକ୍ଷରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଏକାଦଶ ପୁଣ୍ୟତିଥି ତଥା ଆରାଧନା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ଧ୍ୟାନ, ପ୍ରାର୍ଥନା ସହ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ କାର୍ଯ୍ୟାଳୟ ପରିସରରେ ସ୍ୱାମୀଜୀଙ୍କ ପାଦୁକାପୂଜା, ସହସ୍ରାର୍ଚ୍ଚନା କରାଯାଇଥିଲା। ସ୍ୱାମୀଜୀଙ୍କ ମୂଳମନ୍ତ୍ର 'ମାନବ ସେବା ହିଁ ମାଧବସେବା' ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ସନ୍ଧ୍ୟାରେ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଘ ସମ୍ପାଦିକା ସନ୍ଧ୍ୟାରାଣୀ ପାଣିଗ୍ରାହୀ, ଶାନ୍ତିଭୂଷଣ ପଣ୍ଡା, ଅଲେଖ ବେହେରା, ମାମି ବେହେରା, ଅରୁଣ ଦାଶ, ରବୀନ୍ଦ୍ର ଦାଶ ଓ କିଶୋର ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ। ସଂଘ ମୁଖ୍ୟ ସଂଗଠକ ଶାନ୍ତିଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଖଲ୍ଲିକୋଟ କଲେଜ ପଡ଼ିଆରେ କ୍ରୀଡ଼ା ଦିବସ

**ବ୍ରହ୍ମପୁର ଅଫିସ୍,୨୯।୮**

ଖଲ୍ଲିକୋଟ କଲେଜ ଖେଳ ପଡ଼ିଆରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଥିଲା। ଗଞ୍ଜାମ ଜିଲା ହ୍ୟାଣ୍ଡବଲ୍ ସଂଗଠନ ଏବଂ ବ୍ରହ୍ମପୁର ବାସ୍କେଟବଲ୍ କ୍ଲବ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଖେଳାଳି ଯୋଗଦେଇ ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲା ହ୍ୟାଣ୍ଡବଲ୍ ସଂଗଠନ ସଭାପତି ଅଶୋକ କୁମାର ଶୁକ୍ଳା, ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ପ୍ରକାଶ ପଣ୍ଡା, ହ୍ୟାଣ୍ଡବଲ୍ କୋଚ୍ ପ୍ରଶାନ୍ତ ରଥ, ଅନ୍ତର୍ଜାତୀୟ ବାସ୍କେଟବଲ୍ ରେଫରି ରାଜ୍ ନାରାୟଣ ପାତ୍ର, କର୍ମକର୍ତ୍ତା ଶରତ ପଣ୍ଡା ଓ ଗଣେଶ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଭୟ ବାସ୍କେଟବଲ୍ ଏବଂ ହ୍ୟାଣ୍ଡବଲ୍ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା।

## ବନ୍ଧୁତ୍ୱପୂର୍ଣ୍ଣ ବାସ୍କେଟବଲ୍ ମ୍ୟାଚ୍

**ବ୍ରହ୍ମପୁର ଅଫିସ୍,୨୯।୮**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ବ୍ରହ୍ମପୁର ଷ୍ଟାଡିୟମ୍‌ରେ ବନ୍ଧୁତ୍ୱପୂର୍ଣ୍ଣ ବାସ୍କେଟବଲ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ମହିଳା ଦଳ ହୋଷ୍ଟନ୍ ଏବଂ କ୍ଲିପର୍ସ ଏବଂ ପୁରୁଷ ଦଳ ଯଥା ଲେକର୍ସ, ଟରଣ୍ଟୋ ଏବଂ ଚିକାଗୋ ବୁଲ୍‌ସ ଭାଗ ନେଇଥିଲେ । ଲେକର୍ସ ଦଳ ୩୫-୨୫ ପଏଣ୍ଟରେ ଚିକାଗୋ ବୁଲ୍‌ସକୁ ଏବଂ ପରେ ୪୪-୩୮ ପଏଣ୍ଟରେ ଟରଣ୍ଟୋକୁ ପରାସ୍ତ କରିଥିଲା। ସେହିଭଳି ହୋଷ୍ଟନ୍ ଦଳ ୩୨-୧୮ ପଏଣ୍ଟରେ କ୍ଲିପର୍ସକୁ ପରାସ୍ତ କରିଥିଲା । କାଳୀ ପ୍ରସାଦ ରଥ, ଦୀପ୍ତିରାଣୀ ମ୍ୟାଚ୍ ପରିଚାଳନା କରିଥିଲେ। କେ.ଅରବିନ୍ଦ, ଅଜୟ କୁମାର ତିଆଡ଼ି, ବ୍ରହ୍ମନାରାୟଣ ସାମନ୍ତରାୟ, ମୀନାକ୍ଷୀ ନାୟକ, ତାରିଣୀଚରଣ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପାତ୍ର, ପ୍ରଶାନ୍ତ କୁମାର ରାଉତ ଓ ସୁଶୁଭମ୍ ମିଶ୍ରଙ୍କ ସମେତ ବାସ୍କେଟବଲ୍ କୋଚ୍ ତଥା ଷ୍ଟାଡିୟମ୍ ଇନ୍‌ଚାର୍ଜ କାଜଲ କୁମାର ସାହୁ, ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ ସାହୁ, ବାସ୍କେଟବଲ୍ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ମ୍ୟାଚ୍ ଅବସରରେ ଉପସ୍ଥିତ ଖେଳାଳି , ଅତିଥିମାନେ।

## ବ୍ୟକ୍ତିତ୍ୱ ବିକାଶରେ କ୍ରୀଡ଼ା ଗୁରୁତ୍ୱପୂର୍ଣ୍ଣ

**ବ୍ରହ୍ମପୁର ଅଫିସ୍,୨୯।୮**

ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଜୀବନରେ ପାଠର ମହତ୍ତ୍ୱ ଯେତିକି, କ୍ରୀଡ଼ାର ଆବଶ୍ୟକତା ମଧ୍ୟ ସେତିକି ରହିଛି। ସେମାନେ ନିଜ ପାଠ ପଢ଼ାରେ ଯେତେ ବ୍ୟସ୍ତ ରହିଲେ ମଧ୍ୟ କ୍ରୀଡ଼ା ଅଭ୍ୟାସ ଜାରି ରଖିବା ଆବଶ୍ୟକ। କାରଣ ବ୍ୟକ୍ତିତ୍ୱ ବିକାଶରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଗୁରୁବାର ସକାଳେ ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ ଏହା କହିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଷ୍ଟାଡିୟମ୍ ପରିସରରେ ଚାରାରୋପଣ କରିଥିଲେ । ପରେ କ୍ରୀଡ଼ା ପ୍ରତି ଆଗ୍ରହ ବଢ଼ାଇବା ଉଦ୍ଦେଶ୍ୟରେ ଏକ ସଚେତନତା ରାଲି ବାହାରିଥିଲା। କ୍ରୀଡ଼ା ଛାତ୍ରାବାସ ଅନ୍ତେବାସୀ ଏବଂ ଖେଳାଳିମାନେ ଏହି ରାଲିରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଷ୍ଟାଡିୟମ୍ ଇନ୍‌ଚାର୍ଜ କାଜଲ ସାହୁ, କ୍ରୀଡ଼ା ସଂସଦ ପଦାଧିକାରୀ ତାରିଣୀ ସାମନ୍ତରାୟ, ଶରତ ଚନ୍ଦ୍ର ମହାପାତ୍ର, ବସନ୍ତ ପାଣିଗ୍ରାହୀ, ସୀତାରାମ ବେବର୍ତ୍ତା, ସନ୍ତୋଷ ସାହୁ, ପ୍ରଭାକର ରାଓ ଏବଂ ଶିଶିର ପାଣିଗ୍ରାହୀଙ୍କ ସମେତ କୋଚ୍, ଖେଳାଳି ଏବଂ କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ଥିଲେ।


ବ୍ରହ୍ମପୁର କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀମାନେ ରାଲିରେ ସହର ପରିକ୍ରମା କରୁଛନ୍ତି ।

## ପୌରପରିଷଦ କାର୍ଯ୍ୟାଳୟ, ତାଳଚେର

ପୌରପରିଷଦ ମଧରେ ଥିବା ସମସ୍ତ ଦୋକାନ ଓ ଜନସାଧାରଣମାନଙ୍କୁ ସମସ୍ତ ପ୍ରକାର ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ନିଷେଧ କରାଯାଇଥିବା ପ୍ଲାଷ୍ଟିକ୍ ଓ ପଲିଥିନ୍ ପଦାର୍ଥଗୁଡିକ ହେଲା–

(୧) ସମସ୍ତ ପ୍ରକାର ଓ ସବୁ ଆକାରର ପଲିଥିନ୍ କ୍ୟାରୀବ୍ୟାଗକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।
(୨) ପ୍ଲାଷ୍ଟିକ୍ ବୋତଲ ଯାହା ୨୦୦MLରୁ କମ୍ ହୋଇଥିବ ଓ ପାଣି ପାଉଚ୍‌ଗୁଡିକ ନିଷେଧ କରାଯାଇଛି।
(୩) ସୋଲରେ ନିର୍ମିତ ସମସ୍ତ ପ୍ରକାର ପ୍ଲେଟ, କପ୍, ଗ୍ଲାସ ଏବଂ ସମସ୍ତ ପ୍ରକାର ସାଜସଜ୍ଜା ସମାଗ୍ରୀ ଇତ୍ୟାଦିକୁ ନିଷେଧ କରାଯାଇଛି।
(୪) କୌଣସି ବ୍ୟକ୍ତିବିଶେଷ ପ୍ଲାଷ୍ଟିକ୍ ଜାତୀୟ ପଦାର୍ଥ ଓ ପଲିଥିନ କ୍ୟାରୀବ୍ୟାଗ୍‌ଗୁଡିକୁ ଏଣେତେଣେ କିମ୍ବା ଜନଗହଳି ସ୍ଥାନରେ ପକାଇବେ ନାହିଁ ଓ ପୌରପରିଷଦର ସଫେଇ କର୍ମଚାରୀଙ୍କୁ ଦେବେ।
(୫) ଅଳିଆଗୁଡିକୁ ଏଣେତେଣେ ନ ପକାଇ ସର୍ବଦା ଡଷ୍ଟବିନ୍‌ରେ ପକାନ୍ତୁ।

ଉପରୋକ୍ତ ନିୟମଗୁଡିକୁ ଅବମାନନା କରୁଥିବା ବ୍ୟକ୍ତି ବିଶେଷ ତଥା ବ୍ୟବସାୟୀମାନେ ସରକାରଙ୍କ ଅଧିନିୟମ ସଂଖ୍ୟା ୧୮୭୦, ତା.୨୯।୦୯।୨୦୧୮ ଅନୁଯାୟୀ ଦଣ୍ଡିତ ହେବେ। ଚଢାଉ ସମୟରେ କର୍ମଚାରୀଙ୍କ ସହିତ ଦୁଃବ୍ୟବହାର ତଥା ନିୟମ ଅବମାନନା କରୁଥିବା ବ୍ୟକ୍ତିଙ୍କୁ ଜୋରିମାନା ସହିତ କେସ୍ ଲାଗୁ କରାଯିବାର ନିର୍ଦ୍ଦେଶ ରହିଛି।

ତେଣୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ପଦାର୍ଥଗୁଡିକ ବ୍ୟବହାର କରନ୍ତୁ ନାହିଁ ଏବଂ ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବା ସଙ୍ଗେ ସଙ୍ଗେ ତାଳଚେର ପୌରପରିଷଦ ଅଞ୍ଚଳକୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ମୁକ୍ତ ସହର ରୂପେ ଗଢିତୋଳିବାରେ ସହାୟକ ହୁଅନ୍ତୁ।

**ସୌଜନ୍ୟ - ତାଳଚେର ପୌରପରିଷଦ, ତାଳଚେର**

**ଅତସୀ ପରିଡା (ଓ.ଆର୍.ଏସ୍)**
**ପୌରପରିଷଦ, ତାଳଚେର**

**ପରେଶ ଚନ୍ଦ୍ର ନାୟକ (ଓ.ପ୍ର.ସେ-୧)**
**ପୌର ପ୍ରଶାସକ**
**ପୌରପରିଷଦ, ତାଳଚେର**

## ଭାଗନେବାକୁ ରାଜୀବଙ୍କ ଗୁଜରାଟ ଗସ୍ତ

**ବ୍ରହ୍ମପୁର ଅଫିସ,୨୯।୮**

ଅଲ୍ ଇଣ୍ଡିଆ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍


ରାଜୀବ ଲୋଚନ ଗୌଡ ।

ଗୁଜରାଟରେ ଏଡକ୍ସ ଇଣ୍ଡିଆ ରେଣ୍ଡୁଲସ ପକ୍ଷରୁ ୨୦୦ କି.ମି. ଅଲ ଇଣ୍ଡିଆ ରୋଡ ସାଇକ୍ଲିଂ ଚାମ୍ପିୟନ୍‌ଶିପ ସେପ୍ଟେମ୍ବର ୧ରେ ଅନୁଷ୍ଠିତ ହେବ। ଏହା ଗୁଜୁରାଟ ସୁରଟର ସଙ୍ଗତ ସ୍ଥାନରୁ ଆରମ୍ଭ ହେବ। ଏଥିରେ ବ୍ରହ୍ମପୁର ମହାନଗର ନିଗମରେ କାର୍ଯ୍ୟରତ ତଥା ଗଞ୍ଜାମ ଜିଲା ଆସିକା ବ୍ଲକ କର୍ଣ୍ଣୋଲୀ ଗ୍ରାମର ରାଜୀବ ଲୋଚନ ଗୌଡ ଭାଗନେବେ। ସେ ବୁଧବାର ଗୁଜରାଟ ଯାତ୍ରା କରିଥିବା ଜଣାପଡିଛି। ଏଥିପାଇଁ ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସମେତ ବିଏମ୍‌ସିର ସମସ୍ତ ଅଧିକାରୀ ଏବଂ ସତ୍ୟନାରାୟଣ ସ୍ୱାଇଁ, ଆଇନଜୀବୀ ଜୀଙ୍କୁ ଶର୍ମା, ପ୍ରଣବ ବିଷୋୟୀ, ଗଞ୍ଜାମ ଜୁଡୋ ଆସୋସିଏଶନ ସମ୍ପାଦକ ରାଘବ ନାହାକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଇଭେଣ୍ଟ ଜିନିଙ୍ଗ ପକ୍ଷରୁ ଚେନ୍ନାଇରେ ଆୟୋଜିତ ଜାତୀୟସ୍ତରୀୟ ଡବ୍ଲ୍ୟୁସିଜି ଟୁ ଷ୍ଟେଟସ ସାଇକେଲ ରେସିଂ ୨୦୧୮-୧୯ ପ୍ରତିଯୋଗିତାରେ ଭାଗ ନେଇ ରାଜୀବ ୨୨୫ କି.ମି. ୧୨ ଘଣ୍ଟା ୧୫ ମିନିଟ ମଧରେ ଅତିକ୍ରମ କରିଥିଲେ । ଏଥିରେ ଭାଗ ନେଇଥିବା ୧୭ ରାଜ୍ୟର ୧୮୦ ପ୍ରତିଯୋଗୀଙ୍କ ମଧରେ ୧୨ନମ୍ବର ସ୍ଥାନ ଅଧିକାର କରି ଓଡିଶା ତଥା ଗଞ୍ଜାମ ଜିଲା ପାଇଁ ଗୌରବ ହାସଲ କରିଥିଲେ । ଏଥିସହ ୨୦୧୮ ମେ ୧୩ ମାତୃ ଦିବସରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବାହ୍ୟ ମଳମୁକ୍ତ ଅଭିଯାନ ବାର୍ତ୍ତାନେଇ ସାଇକେଲରେ ବ୍ରହ୍ମପୁରରୁ ଭୁବନେଶ୍ୱର ଯାତ୍ରା କରିଥିଲେ। ୧୮୬ କି.ମି.ପଥକୁ ୧୦ ଘଣ୍ଟାରେ ଅତିକ୍ରମ କରି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ବିଏମ୍‌ସିର ବାର୍ତ୍ତା ଦେଇଥିଲେ। ୨୦୧୮ ନଭେମ୍ବର ୨୭ରେ ହକି ୱାଲ୍ଡ କପ ବାର୍ତ୍ତା ନେଇ ଆସିକାରୁ କଳିଙ୍ଗ ଷ୍ଟାଡିୟମ ସାଇକେଲ ଯାତ୍ରାରେ ଯାଇଥିଲେ। ୨୦୧୬ ସେପ୍ଟେମ୍ବର ୧୧ରେ ଗୋପଳପୁରଠାରୁ ଆସିକାକୁ ୬ ଘଣ୍ଟା ୯ ମିନିଟରେ ମାରାଥନରେ ଅତିକ୍ରମ କରିଥିଲେ। ୨୦୧୭ ଜାନୁୟାରୀ ୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ଟାଟା ଷ୍ଟିଲ ଭୁବନେଶ୍ୱର ହାଫ ମାରାଥନରେ ଭାଗନେଇ ୨୧ କି.ମି.ପଥ ୧ ଘଣ୍ଟା ୪୫ ମିନିଟରେ ଅତିକ୍ରମ କରି ରାଜ୍ୟସ୍ତରରେ ନିଜ ପରିଚୟ ସୃଷ୍ଟି କରିଥିଲେ ।

## ପ୍ରଧାନ ଶିକ୍ଷକଙ୍କ ପରଲୋକରେ ଶୋକ

**ବ୍ରହ୍ମପୁର ଅଫିସ୍,୨୯।୮**

ଭି.ଭି. ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସାବତ(୫୯)ଙ୍କର ବୁଧବାର ରାତିରେ ବ୍ରହ୍ମାନଗର ତୃତୀୟ ଲେନ୍ ବାସଭବନରେ ପରଲୋକ ହୋଇଯାଇଛି । ଦୀର୍ଘ ଦିନ ହେଲା ସେ ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ଥିଲେ। ସାବତଙ୍କର ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ରାଜ୍ୟପାଳ ପୁରସ୍କାର ପାଇବା ସହ ବିଭିନ୍ନ ସ୍ଥାନରୁ ସମ୍ମାନିତ ହୋଇଥିଲେ। ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ପୁରାତନ ଛାତ୍ରୀଛାତ୍ରମାନେ ତାଙ୍କର ଶେଷ ଦର୍ଶନ ସହ ଶୋକ ପ୍ରକାଶ କରିଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ଅଗଷ୍ଟ ୩୦/୨୦୧୯ Berhampur, Friday, August 30/2019

# ୧୨ ଆନ୍ତଃ ଜିଲା ଡକାୟତ ଗିରଫ

**ଛତ୍ରପୁର/ଆସିକା/ବୁଗୁଡା, ୨୯/୮(ଡି.ଏନ.ଏ.)**

ବୁଗୁଡା ଓ ଆସିକା ଥାନା ପୋଲିସ ବୁଧବାର ରାତିରେ ୧୨ ଆନ୍ତଃଜିଲା ଡକାୟତଙ୍କୁ ଧରିବାରେ ସକ୍ଷମ ହୋଇଛି। ଏମାନେ ଗଞ୍ଜାମ, ବ୍ରହ୍ମପୁର, ଖୋର୍ଦ୍ଧା ଓ ନୟାଗଡ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚୋରି ଡକାୟତି ଓ ଲୁଟ୍ ଆଦି ଘଟଣାରେ ସମ୍ପୃକ୍ତ ଥିଲେ। ବିଭିନ୍ନ ଫାଇନାନ୍ସ କମ୍ପାନୀର କର୍ମଚାରୀ, ବ୍ୟବସାୟୀଙ୍କୁ ଏମାନେ ଟାର୍ଗେଟ କରୁଥିଲେ ବୋଲି ଗୁରୁବାର ଛତ୍ରପୁରସ୍ଥିତ ଗଞ୍ଜାମ ପୋଲିସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବ୍ରିଜେଶ କୁମାର ରଏ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ମାଉଜର କିଏ ଯୋଗାଇଥିଲା, ଅପରାଧ ମାମଲାରେ ଏମାନଙ୍କ ସହଯୋଗୀ ଆଉ କିଏ ଅଛନ୍ତି ସେ ସମ୍ପର୍କରେ ତଦନ୍ତ ଚାଲୁ ରହିଥିବା ଏସ୍‌ପି ରଏ ସୂଚନା ଦେଇଛନ୍ତି।

ଏସପି ଆହୁରି କହିଛନ୍ତି, ଅଭିଯୁକ୍ତମାନେ ୨ଟି ଗ୍ରୁପ୍‌ର। ବୁଧବାର ରାତିରେ ଆସିକା-ବାଲିପଦର ରାସ୍ତାର ଡାସନାପଲ୍ଲୀ ରେଷ୍ଟସେଡ୍‌ଠାରେ କେତେଜଣ ଡକାୟତି ଯୋଜନା କରୁଥିଲେ। ସେ ସମୟରେ ପାଟ୍ରୋଲିଂ କରୁଥିବା ଆସିକା ଥାନା ପୋଲିସ ଚଢାଉ କରି ସେଠାରୁ ୬ ଡକାୟତଙ୍କୁ କାବୁ କରିଥିଲା। ସେମାନେ ହେଲେ ଆସିକା କଲେଜ ଛକସ୍ଥିତ ମହାରଣା କଲୋନୀର ସନ୍ତୋଷ ନାହାକ, ଭେଟନଇର ସନ୍ତୋଷ ଜେନା, କୁମ୍ଭାର ସାହିର ସଞ୍ଜୟ ବେହେରା , ଭେଟନଇର ତାପସ ରଞ୍ଜନ ସେନାପତି ଓରଫ ରିକୁନ୍, ମାମୁଡିହ ଗାଁର ପିଙ୍କୁ ସାହୁ ଓ ଜରଡା ଥାନା ପାତ୍ରପୁର ଗାଁର ବୁଚିପାତ୍ର ଓରଫ ବି. ସନ୍ତୋଷ ରାଓ। ସେହିପରି ବୁଧବାର ରାତିରେ ବୁଗୁଡା ପୋଲିସ ପାଟ୍ରୋଲିଂ କରୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ବୁଦ୍ଧଖୋଲ ହିଲ୍ ନିକଟ ହନୁମାନ ମଠ ପଛପଟେ ଡକାୟତି ଯୋଜନା କରୁଥିବା ୬ ଜଣଙ୍କୁ କାବୁ କରିଥିଲା। ସେମାନେ ହେଲେ ଆସିକା ଥାନା ଭେଟନଇ ଗାଁର ଶଙ୍କର ଦାସ, ହରିହର ନଗରର କେ. ଦୀପକ ସେନାପତି, ନୂଆଗାଁର ପ୍ରହ୍ଲାଦ କୁମାର ସାହୁ ଓରଫ ଚଇନା, ଜଗନ୍ନାଥପ୍ରସାଦ ଥାନା ଚିକିଲି ଗାଁର ଶିବ ସେନାପତି, ଧରାକୋଟ ମୁସଲିମ ସାହିର ଜମିର ଖାନ୍ ଓ ଆସିକା ଥାନା ପାକଲାପଲ୍ଲୀର ସାଇ ଶଙ୍କର ପୋଲାଇ। ଏମାନଙ୍କଠାରୁ ୪ ଟି ପିସ୍ତଲ, ୧୨ ରାଉଣ୍ଡ ଗୁଳି, ଗୋଟିଏ ଖେଳଣା ବନ୍ଧୁକ, ୩ଟି ଖଣ୍ଡା, ୨ କାତି, ୩ ଛୁରୀ, ଗୋଟିଏ ପଞ୍ଝ, ୧୫ଟି ମାସ୍କ, ୧୦ ବୋତଲ ମଦ, ୧୨ଟି ବୋମା, ୫ ବାଇକ୍ ଓ ୫୮ ହଜାର ଟଙ୍କା ଜବତ ହୋଇଛି। ଅନପୂର୍ଣ୍ଣା ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କଠାରୁ ୧ ଲକ୍ଷ ୧୫ ହଜାର ଲୁଟ, ଭେଟନଇ ମାଇକ୍ରୋ ଫାଇନାନ୍ସ ଏଜେଣ୍ଟଙ୍କୁ ପିସ୍ତଲ ଦେଖାଇ ୧ ଲକ୍ଷ ୪୫ ହଜାର ଟଙ୍କା ଲୁଟ, ଗାଙ୍ଗପୁର ଥାନା କେନ୍ଦୁପଦର ଠାରେ ବ୍ୟବସାୟୀଙ୍କ ଠାରୁ ୬୦ ହଜାର ଲୁଟ୍, ଆସିକା କଲେଜ ଛକ ଠାରେ ମିଠା ବ୍ୟବସାୟୀଙ୍କଠାରୁ ୮ ହଜାର ଟଙ୍କା ଲୁଟ୍‌ରେ ଗିରଫ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ପତିତପାବନ ଚୌଧୁରୀ, ଡିଆଇବି ଡିଏସପି ପି.କେ ଦଳାଇ, ଆସିକା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସପି ସୂଚନା ଦେଉଛନ୍ତି।

## ହିଞ୍ଜିଳିକାଟୁ କଲେଜ
# ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଉତ୍ତେଜନା

**ହିଞ୍ଜିଳିକାଟୁ,୨୯।୮(ଡ଼ି.ଏନ୍.ଏ):**

ହିଞ୍ଜିଳିକାଟୁ କଲେଜରେ ବୁଧବାର ଜୁନିୟର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି ବେଳେ କୌଣସି କଥାକୁ ନେଇ ୨ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଉଭୟ ଗୋଷ୍ଠୀ ହାତାହାତି ହୋଇଥିଲେ। ଘଟଣା ପରେ ଗୋଟିଏ ଗୋଷ୍ଠୀ ପକ୍ଷରୁ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ଅନ୍ୟ ଏକ ଗୋଷ୍ଠୀ ହିଞ୍ଜିଳି ଥାନାରେ ଗୁରୁବାର ଘଟଣା ନେଇ ମୌଖିକ ଅଭିଯୋଗ କରିଛନ୍ତି। କଲେଜ ଅଧ୍ୟକ୍ଷ ସି.ଏଚ. ଚନ୍ଦ୍ରଶେକର ପୃଷ୍ଟି ଶୁକ୍ରବାର କଲେଜ ଶୃଙ୍ଖଳା କମିଟି ଡ଼କାଇ ଘଟଣାର ଆଲୋଚନା କରାଯିବ ବୋଲି କହିଛନ୍ତି। କିଛି ଅଣ ଛାତ୍ର ଓ ପୂର୍ବତନ ଛାତ୍ର କଲେଜ କ୍ୟାମ୍ପସରେ ପଶି ବିଶୃଙ୍ଖଳାକୁ ଉସୁକାଉଥିବା ଓ ଛାତ୍ର ମାନଙ୍କୁ ଧମକ ଦେଉଥିବା ଅଭିଯୋଗ ହେଉଛି।

# ଦେବୋତ୍ତର ଅଧିକାରୀଙ୍କ ପୋଲସରା ଗସ୍ତ

**ପୋଲସରା,୨୯।୮(ଡି.ଏନ.ଏ.)**

ଗୁରୁବାର ଦେବୋତ୍ତର ବିଭାଗର ଅତିରିକ୍ତ କମିଶନର ଶୋଭେନ କାନୁନ୍‌ଗୋ ପୋଲସରା ଗସ୍ତରେ ଆସି ମଠ ସାହିସ୍ଥିତ ମଠର ପରିଚାଳନା ଦାୟିତ୍ୱ ଓ ଆୟବ୍ୟୟ, ଜଗନ୍ନାଥ ମନ୍ଦିର, ଜବରଦଖଲରେ ରହିଥିବା ସର୍ବ ପୁରାତନ ଗୋପବନ୍ଧୁ ପାଠାଗାର ଆଦି ବୁଲି ଦେଖିଥିଲେ। ଦେବୋତ୍ତର ଅଧୀନରେ ରହିଥିବା ପ୍ରମୁଖ ସ୍ଥାନଗୁଡ଼ିକରେ ରକ୍ଷଣାବେକ୍ଷଣ ସାଙ୍ଗକୁ ଆୟବ୍ୟୟ ଓ ପରିଚାଳନାଗତ ସମସ୍ୟା ଏବଂ ପୋଲସରା ଅଞ୍ଚଳର ଐତିହ୍ୟ ଗୋପବନ୍ଧୁ ପାଠାଗାରକୁ ନେଇ ପରିଚାଳନା କମିଟି ଓ ଖବରଦାତାଙ୍କ ପକ୍ଷରୁ ଜବରଦଖଲ ମୁକ୍ତ ଲାଗି ଖବର ପ୍ରସାରଣ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲେ। ଅତିରିକ୍ତ କମିଶନରଙ୍କ ଗସ୍ତ ସମୟରେ ଦେବୋତ୍ତର ନିରୀକ୍ଷକ ଦକ୍ଷିଣୀ କୁମାର ମାରାଣ୍ଡୀ ଓ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଉନ୍ନୟନ ପ୍ରକଳ୍ପ ବୁଲି ଦେଖିଲେ ନିର୍ବାହୀ ଯନ୍ତ୍ରୀ

ଦିଗପହଣ୍ଡି,୨୯।୮(ଡି.ଏନ.ଏ.)- ବ୍ରହ୍ମପୁର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ତପନ କୁମାର ପାଣିଗ୍ରାହୀ ବୁଧବାର ଦିଗପହଣ୍ଡି ଗସ୍ତରେ ଆସି ସହରର ନୂତନ ନିର୍ମାଣଧୀନ ରାସ୍ତା ବୁଲି ଦେଖିବା ସହ ଚାରା ରୋପଣ କରିଥିଲେ। ଦିଗପହଣ୍ଡି ୨ ନଂ. ୱାର୍ଡ ତଥା ମେଦିରି ସାହିରେ ନୂତନ ରାସ୍ତା କାମ ଓ ସହରର ନିର୍ମାଣଧୀନ ନୂତନ ବସଷ୍ଟାଣ୍ଡର କାର୍ଯ୍ୟ କିଭଳି ଚାଲିଛି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପାଣିଗ୍ରାହୀ ବୁଲି ଦେଖିଥିଲେ। ଏହାପରେ ଦିଗପହଣ୍ଡି ବ୍ରହ୍ମପୁର ରାସ୍ତାରେ ଥିବା ପଥପ୍ରାନ୍ତ ସେବା କେନ୍ଦ୍ର ନିକଟରେ ପହଞ୍ଚି ବିଭିନ୍ନ କିସମର ଚାରା ରୋପଣ କରିଥିବା ଜଣାପଡିଛି। ନିର୍ବାହୀ ଯନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଦିଗପହଣ୍ଡି ପୂର୍ତ୍ତ ବିଭାଗ ସବ୍‌ଡିଭିଜନ କାର୍ଯ୍ୟାଳୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ବାବୁଲି ଚାନ୍ଦ ଗୌଡ, ସହକାରୀ ଯନ୍ତ୍ରୀ ଇଂ.ଅଶୋକ କୁମାର ପହାନ ଓ ସ୍ୱତନ୍ତ୍ର ଠିକାଦାର ସରୋଜ ପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ହତ୍ୟା ମାମଲାରେ ସ୍ୱାମୀ ଗିରଫ

ଆସିକା,୨୯।୮(ଡି.ଏନ୍.ଏ.)-ଗାଙ୍ଗପୁର ଥାନା ଅନ୍ତର୍ଗତ ପଳାସପଲ୍ଲୀ ଗ୍ରାମରେ ମଙ୍ଗଳବାର ରାତିରେ ପିଙ୍କି ଡାକୁଆଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ବୁଧବାର ପିଙ୍କିଙ୍କ ସ୍ୱାମୀ ପ୍ରହ୍ଲାଦ ଡାକୁଆଙ୍କୁ ଅଟକ ରଖିଥିଲା। ଗୁରୁବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପିଙ୍କି ରଶି ଲଗାଇ ଆତ୍ମହତ୍ୟା କରିଥିଲେ ବୋଲି ଶାଶୁ ଘର ପକ୍ଷରୁ କୁହାଯାଉଥିଲା। ମାତ୍ର ଝିଅକୁ ଗଳା ଚିପି ହତ୍ୟା କରାଯାଇଥିବା ନେଇ ପିଙ୍କିଙ୍କ ବାପା କବିରାଜ କାଞ୍ଚିଆ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ନଂ.୧୪୦/୧୯ରେ ଏକ ମାମଲା ରୁଜୁ କରିଥିଲା।

### ଚିକିଟି କଲେଜରେ ଜାତୀୟ କ୍ରୀଡ଼ା ଦିବସ

ଚିକିଟି,୨୯।୮(ଡି.ଏନ.ଏ.)- ଚିକିଟିଗଡସ୍ଥିତ କଲେଜରେ ଗୁରୁବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ବିଚିତ୍ର ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। କ୍ରୀଡା ଶିକ୍ଷକ ଜେ.ଜଗନ୍ନାଥ ରାଓଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର କଲେଜଠାରୁ ଧାନଘର ପର୍ଯ୍ୟନ୍ତ ମାରାଥନ୍ ଦୌଡରେ ସାମିଲ ଥିଲେ। ପରେ ଏକ ସଭା ହୋଇଥିଲା। ସଭାରେ ଯୁକ୍ତ ୩ କ୍ରୀଡା ପରିଷଦର ଉପସଭାପତି ପ୍ରଦୀପ କୁମାର ପାଢ଼ୀ, ୟୁଥ୍ ରେଡକ୍ରସ୍ ସୋସାଇଟିର ସଂଯୋଜକ ଆଶୁତୋଷ ସାହୁ, ଅଧାପକ ରାଜେନ୍ଦ୍ର ଆଚାରୀ, ଅଧାପକ ଭବାନୀ ପ୍ରସାଦ ପଣ୍ଡା, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମର ଅଧିକାରୀ ଡ. ସୁଜାତା ସାମନ୍ତରା ପ୍ରମୁଖ ଯୋଗଦେଇ ଭାରତୀୟ ହକିର କିମ୍ବଦନ୍ତୀ କ୍ରୀଡାବିତ୍ ମେଜର ଧ୍ୟାନ୍‌ଚାନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ କ୍ରୀଡା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅଧାପକ ସୁନୀଲ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଆଳିପୁର ସରପଞ୍ଚ ପଦବୀ ଅସିଦ୍ଧ ଘୋଷଣା

ଆସିକା,୨୯।୮(ଡି.ଏନ୍.ଏ.)- ଆସିକା ବ୍ଲକ ଆଳିପୁର ପଞ୍ଚାୟତର ସରପଞ୍ଚଙ୍କୁ ଅଦାଲତ ଅସିଦ୍ଧ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତରେ ଦାଖଲ ମାମଲାର ବିଚାର କରି ଗୁରୁବାର ଆସିକାର କନିଷ୍ଠ ଦେୱାନୀ ବିଚାରପତି ଚିନ୍ମୟୀ ଜେନା ସରପଞ୍ଚ ସନ୍ତୋଷ କୁମାର ଜେନାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଛନ୍ତି। ଏଥିସହ ଏହି ପଞ୍ଚାୟତରେ ପୁନଃନିର୍ବାଚନ କରିବା ନିମନ୍ତେ ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ସନ୍ତୋଷ ସରପଞ୍ଚ ନିର୍ବାଚିତ ହୋଇଥିଲେ। ତେବେ ୧୯୯୫ ମସିହା ପରେ ସନ୍ତୋଷଙ୍କ ୩ଟି ସନ୍ତାନ ଥିବା ଯୋଗୁ ଓଡିଶା ଗ୍ରାମ ପଞ୍ଚାୟତ ଆଇନ ମୁତାବକ ତାଙ୍କର ପ୍ରାର୍ଥିତ୍ୱ ଅଯୋଗ୍ୟ ଥିବା ଅଦାଲତରେ ଦର୍ଶାଇଥିଲେ ପ୍ରତିପକ୍ଷ ପ୍ରାର୍ଥୀ ମନୋଜ କୁମାର ନାହାକ। ଗୁରୁବାର ଏହି ମାମଲାର ବିଚାର ହୋଇଛି। ମନୋଜଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ନାରାୟଣ ମୁନି ମାମଲା ଲଢୁଥିଲେ।

# ଦିଗପହଣ୍ଡି ଏନ୍‌ଏସିର ସଫେଇ ଅଭିଯାନ

**ଦିଗପହଣ୍ଡି,୨୯।୮(ଡି.ଏନ.ଏ.)**

ଦିଗପହଣ୍ଡି ଏନ୍‌ଏସି ପକ୍ଷରୁ ସ୍ୱାୟତ ଶାସନ ସପ୍ତାହ ପାଳନ ଅବସରରେ ବୁଧବାର ମିଳିତ ସଫେଇ ଅଭିଯାନ, ସଭା ଓ ଶୋଭାଯାତ୍ରା ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବ୍ୟବସାୟୀ, ଛାତ୍ର, ଯୁବକ, କର୍ମଚାରୀ ଏଥିରେ ସାମିଲ ଥିଲେ। ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ମିଶନ ସହାୟତାରେ ଅନୁଷ୍ଠିତ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏନ୍‌ଏସି ପକ୍ଷରୁ ଯୋଗାଣ ହୋଇଥିବା ନୀଳ ଓ ସବୁଜ ଡଷ୍ଟବିନର ପୃଥକ ପୃଥକ ଭାବେ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ସଭା ଓ ଶୋଭାଯାତ୍ରାରେ ଦିଗପହଣ୍ଡି ରାଜସ୍ୱ ନିରୀକ୍ଷକ ରତ୍ନାକର ସ୍ୱାଇଁ, ପୂର୍ବତନ କାଉନ୍‌ସିଲର ନିରୁପମା ପଟ୍ଟନାୟକ, ବିଜୁ ଯୁବ ବାହିନୀ ସଂଯୋଜକ ସନ୍ତୋଷ କୁମାର ବାଡତ୍ୟା, ସଭାପତି ନୀଳାଞ୍ଚଳ ରଥ, ଏନ୍‌ଏସି କର୍ମଚାରୀ ପ୍ରଭାକର ମେକାପ, ଭାରତୀ ପାଢୀ, ସ୍ନେହଲତା ମିଶ୍ର, କନିଷ୍ଠ ଯନ୍ତ୍ରୀ ଇଂ. ମମତା ପଣ୍ଡା, ଇଂ.ପବିତ୍ରା ପ୍ରଧାନ, ସନ୍ତୋଷ ମହାନ୍ତି, ସନ୍ତୋଷ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।



ସଫେଇରେ ସାମିଲ ସ୍ୱେଚ୍ଛାସେବୀ।

# ସାନଭାଇର ଛୁରାମାଡ଼ରେ ବଡ଼ଭାଇ ଗୁରୁତର

**ପୋଲସରା,୨୯।୮(ଡି.ଏନ.ଏ.)**

ପୋଲସରା ଥାନା ନିକଟସ୍ଥ ବ୍ରାହ୍ମଣସାହି ଛକଠାରେ ବୁଧବାର ରାତିରେ ପାରିବାରିକ କଳହକୁ ନେଇ ସାନଭାଇ ଛୁରା ମାଡରେ ବଡ଼ଭାଇ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ପୋଲସରାର ସୂର୍ଯ୍ୟ ପାତ୍ର (ଆନ୍ନା)। ବ୍ରାହ୍ମଣ ସାହିସ୍ଥିତ ମୁଖ୍ୟ ସଡ଼କ ପାର୍ଶ୍ୱରେ ସୂର୍ଯ୍ୟ ଛିଡ଼ା ହୋଇଥିବାବେଳେ ସାନଭାଇ ଆସି ଅତର୍କିତ ଛୁରିରେ ପେଟ, ମୁଣ୍ଡ, ବେକ, ପିଠି ଆଦିକୁ ଆକ୍ରମଣ କରିଥିଲେ। ପରିବାର ଓ ସ୍ଥାନୀୟ ଲୋକେ ସୂର୍ଯ୍ୟଙ୍କୁ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପରିବାର ପକ୍ଷରୁ ଏନେଇ ପୋଲସରା ଥାନାକୁ ଖବର ଦିଆଯାଇଥିଲା। ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ, ଏଏସଆଇ ବାବୁଲାଲ ରାଉଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସାନଭାଇ ଫେରାର ହେବା ଲାଗି ଉଦ୍ୟମ କରୁଥିବାବେଳେ ପୋଲିସ କାବୁ କରି ଥାନାରେ ଅଟକ ରଖିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ଟ୍ରକ ଧକ୍କାରେ ଯୁବକ ମୃତ

**କନିଷି,୨୯।୮(ଡି.ଏନ.ଏ.)**

ଗୋଳନ୍ଥରା ଥାନା ନିଷ୍ଟ କଲେଜ ସମ୍ମୁଖରେ ବୁଧବାର ରାତି ପ୍ରାୟ ସାଢ଼େ ୧୦ଟାରେ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରମ୍ଭା ଥାନା ଅନ୍ତର୍ଗତ ଡିଆଁଡ଼େଇଁ ଗ୍ରାମର ସୁବାସ ଚନ୍ଦ୍ର କୁଜିଆରୀ (୨୭)। ଗୁରୁବାର ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକଙ୍କୁ ପୋଲିସ ଅଟକ ରଖିଛି। ନଂ. ୨୧୧/୧୯ରେ ମାମଲା ରୁଜୁ କରାଯାଇଛି।

# ଜାତୀୟସ୍ତରର କ୍ରୀଡ଼ାରେ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ହୋଇଥିବା କୋଚ ଓ ଖେଳାଳିମାନେ।

**ଛତ୍ରପୁର,୨୯।୮(ଡି.ଏନ.ଏ)**

କଟକସ୍ଥିତ ଓଡିଶା ନେଟ୍ ବଲ୍ ଆସୋସିଏଶନ ପକ୍ଷରୁ ବୁଧବାର ଚମାଖଣ୍ଡିସ୍ଥିତ ଛତ୍ରପୁର ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ କ୍ରୀଡାବିତ୍‌ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଜାତୀୟ ସ୍ତରରେ ଆୟୋଜିତ ନେଟ୍‌ବଲ୍, କର୍ଫବଲ୍, ଆତ୍ୟାପାତ୍ୟା ଚାମ୍ପିୟନଶିପରେ ଭାଗ ନେଇ ସଫଳତା ଅର୍ଜନ କରିଥିବା ରାଜ୍ୟର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, କୋଚ୍ ଓ ମ୍ୟାନେଜରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି, ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଆର୍ମି ଏଡି କଲେଜର ଜି. ଏନ୍. ମଣିଗନ୍ଧମ୍, ଆସୋସିଏଶନର ଯୁଗ୍ମ ସମ୍ପାଦକ ଜି. ସୁବାସ କୁମାର ସ୍ୱାମୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏପରି କାର୍ଯ୍ୟକ୍ରମ ଦ୍ୱାରା କ୍ରୀଡାର ବିକାଶ ହୋଇପାରିବ ବୋଲି କହିଥିଲେ। ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ ଦାମ ସ୍ୱାଇଁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟରେ ବେଷ୍ଟ ସ୍ପୋର୍ଟିଂ ସ୍କୁଲ ଯୁଗ୍ମ ଭାବେ ଛତ୍ରପୁର ଓଡିଶା ଆଦର୍ଶ ବିଦ୍ୟାଳୟ ଓ ଆର୍ମି ପବ୍ଲିକ ସ୍କୁଲକୁ ପ୍ରଦାନ କରାଯାଇଥିଲା। ଜାତୀୟସ୍ତରରେ ଓଡିଶା ଟିମ୍‌ରେ ଖେଳି ସଫଳତା ଅର୍ଜନ କରିଥିବା ରାଜ୍ୟର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଥିମଧ୍ୟରେ କର୍ଫବଲ୍ ଜାତୀୟ ଚାମ୍ପିୟନଶିପ ଖେଳିଥିବା ମହେଶ ସାହୁ, ଏମ୍ ସିନ୍ଥିଆ, ମୋନାଲିସା ବିଶ୍ୱାସ, ବିପାସା, ସରୋଜିନୀ ସାହୁ, ସ୍ୱର୍ଣ୍ଣପ୍ରଭା ହାତି, ନୋସିନି ଅଲ୍ଲୀ, ଅକ୍ଷୟ କୁମାର କୋହଲି, ଅବିନାଶ ନାୟକ, ଜଗନ୍ନାଥ ବେହେରା, ମହାବିଷ୍ଣୁ ପ୍ରଧାନ, ଆତ୍ୟାପାତ୍ୟା ଖେଳାଳି ଅପୂର୍ବ ରଥ, ରାଜେଶ ପାଣିଗ୍ରାହୀ, କେ ସୋମନାଥ ପ୍ରଧାନ ଓ ପ୍ରତିକ ମିଶ୍ର, ନେଟ୍ ବଲ୍ ଖେଳାଳି ପି. ନିରଞ୍ଜନ ପାତ୍ର, ସୁରଜ କୁମାର ନାୟକ, ଆଦିତ୍ୟ କୁମାର, ଜୟ ସିଂ, ବି. ଚନ୍ଦନ, ଏମ୍. ଅଙ୍କିତ୍ , ରୂପେଶ ପାଣିଗ୍ରାହୀ, ଅପୂର୍ବ ରଥ, କେ. ଏଲ ଭାବନା ଓ ଏମ୍ ଶ୍ୱେତା ସମ୍ବର୍ଦ୍ଧିତ ହୋଇଛନ୍ତି। ନେଟ୍ ବଲ୍ ମ୍ୟାନେଜର ଅଶୋକ ରଥ, ଆତ୍ୟାପାତ୍ୟାର ମ୍ୟାନେଜର ରାମନାଥ ପାଣିଗ୍ରାହୀ, କର୍ଫବଲ୍ କୋଚ୍ ପ୍ରମୋଦ କୁମାର ନାୟକ, କର୍ଫବଲ୍ ମ୍ୟାନେଜର ଆର୍ ପୁନିତାବତି, ଛତ୍ରପୁର ଓଡିଶା ଆଦର୍ଶ ବିଦ୍ୟାଳୟର ପିଇଟି ପିଣ୍ଟୁ ବେହେରା, ଆର୍ମି ପବ୍ଲିକ୍ ସ୍କୁଲର ପିଇଟି ଏ. ତେଜସ୍ୱୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁଶାନ୍ତ ହତ୍ୟା ଘଟଣା
# ମୁଖ୍ୟ ଅଭିଯୁକ୍ତ ସମେତ ୪ ଗିରଫ

**ପୋଲସରା,୨୯।୮(ଡି.ଏନ.ଏ.)**

**ଗିରଫ ସଂଖ୍ୟା ୧୩କୁ ବୃଦ୍ଧି**

ପୋଲସରା ଥାନା ପାଣ୍ଡିରିପଡ଼ା ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ଜୁନ ୧୮ ତାରିଖ ରାତିରେ ସୁଶାନ୍ତ ନାୟକଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୂର୍ବରୁ ପୋଲିସ ୯ ଜଣଙ୍କୁ ଗିରଫ କରିଥିଲା। ବୁଧବାର ରାତିରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ପୋଲିସ ସିଂହାସନୀ ଜଙ୍ଗଲ ଅଞ୍ଚଳରୁ ଗିରଫ କରିଛି। ସେମାନେ ହେଲେ ଇଚ୍ଛାପୁର ଗ୍ରାମର ରଙ୍କ ନାୟକ, ଭାସ୍କର ନାୟକ, ଫକୀର ନାୟକ ଓ ଭଗବାନ ନାୟକ। ରଙ୍କ ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ କହିଛି। ୪ ଅଭିଯୁକ୍ତଙ୍କୁ ଗୁରୁବାର କୋଦଳା କୋର୍ଟ ଚାଲାଣ କରାଯାଇଥିଲା। ସୁଶାନ୍ତ ହତ୍ୟା ଘଟଣାରେ ଗିରଫଙ୍କ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି।

ସୂଚନାଯୋଗ୍ୟ ପୂର୍ବତନ ସରପଞ୍ଚ ଦଣ୍ଡପାଣି ନାୟକଙ୍କ ପୁଅ ସୁଶାନ୍ତ କୌଣସି କାମ ପାଇଁ ମିସ୍ତ୍ରି ଡ଼ାକିବାକୁ ନିଜ ବାଇକ ଯୋଗେ ଇଚ୍ଛାପୁର ଗ୍ରାମକୁ ଯାଇଥିଲେ। ଫେରିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ଉକ୍ତ ଗ୍ରାମର ରଙ୍କଙ୍କ ସମେତ ଅନ୍ୟ କେତେଜଣ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ସୁଶାନ୍ତଙ୍କ ବାପା ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ନଂ.୧୩୪/୧୯ରେ ମାମଲା ରୁଜୁ ହୋଇଥିଲା। ପୋଲିସର ତଦନ୍ତ ଜାରି ରହିଛି।










2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ